# ବଢ଼ିବ ମହିଳାଙ୍କ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୯।୧୦**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଶୁକ୍ରବାର ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲାର ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ସଂରକ୍ଷଣ ପରିସଂଖ୍ୟାନରୁ ଚଳିତ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଥିବା ସ୍ପଷ୍ଟ ହୋଇଛି। ଜିଲାର ମୋଟ୍ ୨୭ ଜିଲା ପରିଷଦ ଆସନ ମଧ୍ୟରୁ ୧୪, ୮ ବ୍ଲକ ଅଧ୍ୟକ୍ଷ ପଦବୀ ମଧ୍ୟରୁ ୪ ଏବଂ ୨୧୨ ସରପଞ୍ଚ ଆସନ ମଧ୍ୟରୁ ୧୦୮ଟି ବିଭିନ୍ନ ବର୍ଗର ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ତେବେ ଆପତ୍ତି ଅଭିଯୋଗର ଶୁଣାଣି ପରେ ଆସନ୍ତା ୩୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜିଲା ପଞ୍ଚାୟତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲାର ୮ ବ୍ଲକ ଅନ୍ତର୍ଗତ ମୋଟ ୨୭ ଜିଲା ପରିଷଦ ଆସନ ଲାଗି ପ୍ରକାଶିତ ଚିଠା ସଂରକ୍ଷଣ ତାଲିକାରେ ବିଭିନ୍ନ ବର୍ଗର ମହିଳାଙ୍କ ଲାଗି ୧୪ ଆସନ ସଂରକ୍ଷିତ ରହିଛି। ଓଡ଼ାପଡ଼ା ବ୍ଲକ ଜୋନ୍-୧ ଅନୁସୂଚିତ ଜାତି ମହିଳା, ଜୋନ୍-୨ ଅଣସଂରକ୍ଷିତ ମହିଳା, ଜୋନ୍-୩ ଅନୁସୂଚିତ ଜାତି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। କଙ୍କଡ଼ାହାଡ଼ ଜୋନ୍-୧ ଅନୁସୂଚିତ ଜାତି, ଜୋନ୍-୨ ଅନୁସୂଚିତ ଜନଜାତି ମହିଳା, ଜୋନ୍-୩ ଅନୁସୂଚିତ ଜନଜାତି ବର୍ଗଙ୍କ ଲାଗି ରହିଛି। କାମାକ୍ଷାନଗର ଜୋନ୍-୧ ଅଣସଂରକ୍ଷିତ, ଜୋନ୍-୨ ଅଣସଂରକ୍ଷିତ ମହିଳା, ଜୋନ୍-୩ ଅଣସଂରକ୍ଷିତ ମହିଳା, ଗଁଦିଆ ଜୋନ୍-୧ ଅଣସଂରକ୍ଷିତ, ଜୋନ୍-୨ ଅଣସଂରକ୍ଷିତ, ଜୋନ୍-୩ ଅନୁସୂଚିତ ଜନଜାତି ମହିଳା, ଜୋନ୍-୪ ଅନୁସୂଚିତ ଜନଜାତିଙ୍କ ଲାଗି ରହିଛି। ଢେଙ୍କାନାଳ ଜୋନ୍-୧ ପଛୁଆବର୍ଗ ମହିଳା, ଜୋନ୍-୨ ଅଣସଂରକ୍ଷିତ ମହିଳା, ଜୋନ୍-୩ ଅଣସଂରକ୍ଷିତ, ଜୋନ୍-୪ ପଛୁଆବର୍ଗଙ୍କ ଲାଗି ରଖାଯାଇଛି। ପରଜଙ୍ଗ ଜୋନ୍-୧ ଅଣସଂରକ୍ଷିତ, ଜୋନ୍-୨ ପଛୁଆବର୍ଗ, ଜୋନ୍-୩ ପଛୁଆବର୍ଗ ମହିଳା, ଭୁବନ ଜୋନ୍-୧ ଅଣସଂରକ୍ଷିତ, ଜୋନ୍-୨ ଅଣସଂରକ୍ଷିତ ମହିଳା, ଜୋନ୍-୩ ଅଣସଂରକ୍ଷିତ ମହିଳା, ହିନ୍ଦୋଳ ଜୋନ୍-୧ ଅଣସଂରକ୍ଷିତ, ଜୋନ୍-୨ ଅନୁସୂଚିତ ଜାତି, ଜୋନ୍-୩ ଅଣସଂରକ୍ଷଣ ମହିଳା, ଜୋନ୍-୪ ଅନୁସୂଚିତ ଜାତି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

ସେହିପରି ବ୍ଲକ ଅଧ୍ୟକ୍ଷ ପଦବୀକୁ ଦେଖିଲେ ଓଡ଼ାପଡ଼ା, କାମାକ୍ଷାନଗର, ଭୁବନ ବ୍ଲକ ଅଣସଂରକ୍ଷିତ ରହିଛି। କଙ୍କଡ଼ାହାଡ଼ ବ୍ଲକ ଅନୁସୂଚିତ ଜନଜାତି ମହିଳା, ଗଁଦିଆ ବ୍ଲକ ଅନୁସୂଚିତ ଜାତି, ଢେଙ୍କାନାଳ ସଦର ବ୍ଲକ ପଛୁଆ ବର୍ଗ ମହିଳା, ପରଜଙ୍ଗ ବ୍ଲକ ଅଣସଂରକ୍ଷିତ ମହିଳା, ହିନ୍ଦୋଳ ବ୍ଲକ ଅନୁସୂଚିତ ଜାତି ମହିଳାଙ୍କ ଲାଗି ଉଦ୍ଦିଷ୍ଟ ରହିଛି।

ଅନୁରୂପ ଭାବେ ପ୍ରକାଶିତ ଚିଠା ତାଲିକାରେ ଜିଲାର ୨୧୨ ସରପଞ୍ଚ ପଦବୀ ମଧ୍ୟରୁ ୧୦୮ଟି ବିଭିନ୍ନ ବର୍ଗର ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଭୁବନ ବ୍ଲକର ୧୮ ପଞ୍ଚାୟତ ମଧ୍ୟରୁ ୯, ସଦର ବ୍ଲକର ୩୦ ପଞ୍ଚାୟତରୁ ୧୫, ଗଁଦିଆ ବ୍ଲକର ୨୯ ପଞ୍ଚାୟତରୁ ୧୫, ହିନ୍ଦୋଳ ବ୍ଲକର ୩୫ ପଞ୍ଚାୟତରୁ ୧୮, କାମାକ୍ଷାନଗର ବ୍ଲକର ୨୨ ପଞ୍ଚାୟତରୁ ୧୧, କଙ୍କଡ଼ାହାଡ଼ ବ୍ଲକର ୨୧ ପଞ୍ଚାୟତରୁ ୧୧, ଓଡ଼ାପଡ଼ା ବ୍ଲକର ୨୮ ପଞ୍ଚାୟତରୁ ୧୪, ପରଜଙ୍ଗ ବ୍ଲକ ୨୯ ପଞ୍ଚାୟତରୁ ୧୫ଟି ସରପଞ୍ଚ ପଦବୀ ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏ ସଂକ୍ରାନ୍ତରେ ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା କୁହନ୍ତି, ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ ଏବଂ ୱାର୍ଡମେମ୍ବର ପଦବୀ ସଂରକ୍ଷଣକୁ ନେଇ ଆସନ୍ତା ୧୬ ତାରିଖ ମଧ୍ୟରେ ଆପତ୍ତି ଅଭିଯୋଗ କରାଯାଇପାରିବ। ଏହାର ଶୁଣାଣି ୨୧ ତାରିଖରେ ହେବ। ସେହିପରି ଜିଲା ପରିଷଦ ସଭ୍ୟ ପାଇଁ ୧୮ ତାରିଖ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯିବ। ୨୨ ତାରିଖରେ ଏହାର ଶୁଣାଣି ହେବ। ୩୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ ବୋଲି ସେ ସୂଚନା ଦେଇଛନ୍ତି।



**ପଞ୍ଚାୟତ ନିର୍ବାଚନ ଚିଠା ସଂରକ୍ଷଣ ତାଲିକା**

- ବ୍ଲକ ଅଧ୍ୟକ୍ଷ: ୪ ପଦବୀରେ ସ୍ଥାନ ସଂରକ୍ଷିତ
- ଜିଲା ପରିଷଦ: ୨୭ ଆସନରୁ ୧୪ ସଂରକ୍ଷଣ
- ସରପଞ୍ଚ: ୨୧୨ ମଧ୍ୟରୁ ମହିଳା ବର୍ଗ ପାଇଁ ୧୦୮
- ୩୦ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା

## ସଂକ୍ଷେପରେ

### ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ



ବଇଣ୍ଡା, ୯।୧୦(ଡି.ଏନ୍.ଏ.)-ଠାକୁରଗଡ଼ ଥାନା ଧୁଡରାଖୋଲ ଗ୍ରାମରେ ଶନିବାର ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚାଳକ ଏବଂ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜରପଡ଼ା ଡାକ୍ତରଖାନାରେ ନିୟୋଜିତ ଉକ୍ତ ଆମ୍ବୁଲାନ୍ସ ନମ୍ବର (ଓଡି ୦୨-ବିଜେ-୯୬୪୯) ମଇମୁରା ଅଞ୍ଚଳରୁ ଜଣେ ଗୁରୁତର ରୋଗୀଙ୍କୁ ଆଠମଲ୍ଲିକ ନେବାକୁ ଆସୁଥିଲା। ଏହି ସମୟରେ ଧୁଡୁରାଖୋଲ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଆମ୍ବୁଲାନ୍ସ ଚାଳକ ଓ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

### ୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୯।୧୦-ଅନୁଗୋଳ ଜିଲାରୁ ଶନିବାର ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ହଜାର ୩୮୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ, କଣିହାଁ ବ୍ଲକ ଏବଂ ବଅଁରପାଳ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ଜିଲାରୁ ୨ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଶିକାରୀ ଗିରଫ



ବଇଣ୍ଡା, ୯।୧୦(ଡି.ଏନ୍.ଏ.)-ଠାକୁରଗଡ଼ ଥାନା ଶିଶୁକଟା ଜଙ୍ଗଲରେ ଶୁକ୍ରବାର ରାତିରେ ଶିକାର ଯୋଜନା ଚାଲିଥିବାବେଳେ ଧଣ୍ଡାତୋପା ବନ କର୍ମଚାରୀ ଚଢ଼ାଉ କରି ଶିକାରୀ ସହଦେବ ନାୟକ (୫୦)ଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ବିଦ୍ୟୁତ୍ ତାର ସହ ଶିକାର ଉପକରଣ ଜବତ କରାଯାଇଛି। ରେଞ୍ଜର ରବିନାରାୟଣ ମହାନ୍ତି, ଫରେଷ୍ଟର ସୁଦର୍ଶନ ପ୍ରଧାନ, ଅରୁଣ କୁମାର ଦୀପ ପ୍ରମୁଖ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା, ୯।୧୦(ଡି.ଏନ୍.ଏ.)-କିଶୋରନଗର ବ୍ଲକ ନୁନୁକାପଶି ଗ୍ରାମର ଫେରାର ଅଭିଯୁକ୍ତ ସାଗର ଭୋଇଙ୍କୁ ବଇଣ୍ଡା ଫାଣ୍ଡି ପୋଲିସ ଚଢ଼ାଉ କରି ଗିରଫ କରିଛି। ଏ ନେଇ ନଂ.୨୨୮/୨୧ରେ ମାମଲା ରୁଜୁ କରିଛି। ସାଗରଙ୍କ ନାମରେ ଦାଦାବଟି ଆଦାୟ ସହ, ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗ ରହିଥିବା ବେଳେ ସେ ଫେରାର ଥିଲେ। ଘରେ ଥିବା ଖବର ପାଇ ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢ଼ାଉ କରିଥିଲେ।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୯।୧୦(ଡି.ଏନ.ଏ.)-ଠାକୁରଗଡ଼ ଥାନା ବରହମ ଗ୍ରାମର ରଞ୍ଜିତା ଦେହୁରିଙ୍କୁ ତାଙ୍କ ସ୍ୱାମୀ ତଥା କିଶୋରନଗର ଥାନା ବାଟିମୁଣ୍ଡା ଗ୍ରାମର ଯଶୋବନ୍ତ ଦେହୁରୀ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ରଞ୍ଜିତା ଶନିବାର କିଶୋରନଗର ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଯଶୋବନ୍ତଙ୍କୁ ସେ ୨୦୦୯ରେ ବିବାହ କରିଥିଲେ। ସ୍ୱାମୀ ଦ୍ୱିତୀୟ ବିବାହ କରିବା ସହ ତାଙ୍କୁ ଘରୁ ବାହାର କରିଦେଇଛନ୍ତି। ଯୌତୁକ ଦାବି କରି ମାଡ଼ ମାରୁଛନ୍ତି। ପୋଲିସ ନଂ. ୧୬୭/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୯।୧୦(ଡି.ଏନ.ଏ.)-କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା



ଖୁଲଣା ବେହେରା (୬୪)ଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ‘ଶିକ୍ଷା ସମାଜର ଅବିଚ୍ଛେଦ୍ୟ ଅଙ୍ଗ’

**ଢେଙ୍କାନାଳ ଅଫିସ, ୯।୧୦**

ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଏବଂ ତ୍ୟାଗର ଅନନ୍ୟ ଉଦାହରଣ। ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ଭାବେ ସେ ସର୍ବଦା ଓଡ଼ିଆଙ୍କ ମନରେ ରହିବେ ବୋଲି କହିଛନ୍ତି ଏମ୍‌ପି ମହେଶ ସାହୁ। ‘ଆମ ପ୍ରତିଭା ଆମ ସମ୍ମାନ’ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍ ପରିସରରେ ଶନିବାର ଆୟୋଜିତ ଉତ୍କଳମଣିଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ସାହୁ ଏହା କହିଛନ୍ତି। ଅନୁଷ୍ଠାନର ଜିଲା କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ସଚେତନ ନାଗରିକ ଫୋରମ ହିନ୍ଦୋଳ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ କହିଲେ, ଶିକ୍ଷା ସମାଜ ରକ୍ଷାର ଅଭିଚ୍ଛେଦ୍ୟ ଅଙ୍ଗ। ଏଥିରେ ମା’ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଭାପତି ମନୋରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ରହି କୁନି ପିଲାଙ୍କୁ ଇଂଲିଶ କିଟ୍ ବାଣ୍ଟିଥିଲେ। ଶାଖା ସମ୍ପାଦକ ମନୋରଞ୍ଜନ ପାଲ, ଜିଲା ସମ୍ପାଦକ ଭରତ ଦାସ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ଉପସଭାପତି ବିଜୟ ପାଣିଗ୍ରାହୀ, ସହ ସମ୍ପାଦକ ମାୟାଧର ନାୟକ, କାର୍ଯ୍ୟକାରୀ ସଭ୍ୟ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।ସେହିପରି ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଗୋପବନ୍ଧୁ ଟାଉନ ହଲ୍‌ରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିକୁ ଗଙ୍ଗାଜଳରେ ସ୍ନାନ କରାଯାଇଥିଲା। ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ଅଖିଳ ମହାପାତ୍ର, ସମ୍ପାଦକ ପ୍ରତାପ ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତ ଉପସ୍ଥିତ ଥିଲେ।



ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ହିନ୍ଦୋଳ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ଉଦ୍‌ବୋଧନ ଦେଉଛନ୍ତି।

## ପାର୍ବଣରେ ସତର୍କ ରହିବାକୁ ପରାମର୍ଶ



ଜଣେ ସଚେତନ ନାଗରିକଙ୍କୁ ଜିଲାପାଳ ଗୋଲାପ ଫୁଲ ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୯।୧୦**

ଆଗକୁ ଦୁର୍ଗାପୂଜା। ଏହା ପରେ ଆରମ୍ଭ ହେବ ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ପାର୍ବଣ ସମୟରେ ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅପରାହ୍ନରେ ଅଭିନବ ଉପାୟରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବାଜିଚୌକ୍ ଯାଏ ଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି କେ. ଶିବା ସୁବ୍ରମଣି ଗୋଲାପ ଫୁଲ ଦେଇ ପାର୍ବଣ ସମୟରେ ସତର୍କ ରହିବାକୁ ଜନସାଧାରଣ ଏବଂ ବ୍ୟବସାୟୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାସ୍କ ବଣ୍ଟନ କରାଯାଇଥିଲା।ବାହାରକୁ ଗଲେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ନିୟମିତ ସାବୁନରେ ହାତ ଧୋଇବା, ପରିଷ୍କାର ପରିଚ୍ଛନ୍ନ ପ୍ରତି ଗୁରୁତ୍ୱ ଦେବା, ଯଥାସମ୍ଭବ ଗହଳି ଏଡ଼ାଇବାକୁ ଡାକବାଜି ଯନ୍ତ୍ରରେ ନିବେଦନ କରାଯାଇଥିଲା। ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରାଙ୍କ ସମେତ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀ ଯୋଗଦେଇଥିଲେ।

## ୧୫୧ ଗ୍ରାମରେ ଚାଲିଛି ଏଆଇପି

**ଢେଙ୍କାନାଳ ଅଫିସ, ୯।୧୦**

କରୋନା ସମୟରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଶିକ୍ଷା ବ୍ୟବସ୍ଥା। ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିବାବେଳେ ଶିକ୍ଷାଦାନର ମାଧ୍ୟମ ସାଜିଛି ଅନ୍‌ଲାଇନ। କିନ୍ତୁ ବିଭିନ୍ନ କାରଣରୁ ସମସ୍ତେ ଏହାର ସୁଯୋଗ ନେଇପାରୁନାହାନ୍ତି। ସମସ୍ୟାର ସମାଧାନ ଲାଗି ରାଜ୍ୟ ଶିକ୍ଷା ଗବେଷଣ ଓ ପ୍ରଶିକ୍ଷଣ ପରିଷଦ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଅଲଟରନେଟିଭ୍ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ (ଏଆଇପି)ର ପରିକଳ୍ପନା କରାଯାଇଥିବାବେଳେ ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିରେ ପ୍ରତିଷ୍ଠାନରେ ତାଲିମ ନେଉଥିବା ୯୨ ଏବଂ ଅନ୍ୟ ପ୍ରତିଷ୍ଠାନର ୫୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଜିଲାର ୧୫୧ ଗ୍ରାମରେ ୮୨୭ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ମିଶ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସର୍ବସାଧାରଣ ସ୍ଥାନରେ ଶିକ୍ଷାଦାନ ଗୁରୁ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଏହାର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ନମିତା ବେହେରା କାର୍ଯ୍ୟକ୍ରମର ସଂଯୋଜକ ରହିଥିବା ବେଳେ ପ୍ରଶିକ୍ଷକ ମାନସ ଚନ୍ଦ୍ର ରାଉତ, ସ୍ନେହଲତା ରାଜ, ସ୍ୱାଗତିକା ସ୍ୱାଇଁ, କଲ୍ୟାଣୀ ସାହୁ, ସୌମ୍ୟା ପଟ୍ଟନାୟକ, ଡ. ସୁଜାତା ରଥ, ହରପ୍ରିୟା ପୃଷ୍ଟି, ଅରକ୍ଷିତ ପରିଡା, ବିନ୍ଦୁ ବେଉରିଆ, ସ୍ୱାଗତିକା ଶରଣ, ସୁଦୀପ୍ତା ମିଶ୍ର, ରିପସିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଶାଳକାଠ ଜବତ, ୨ ଗିରଫ

ବଇଣ୍ଡା,୯।୧୦(ଡି.ଏନ.ଏ.)-ବାମୁର ବନ ବିଭାଗ ଶନିବାର ବାମୁର ଛକ ନିକଟରେ ଚଢାଉ କରି ଏକ ଟାଟା ଏସିଇ ଗାଡ଼ିରୁ ଚୋରା ଶାଗୁଆନ କାଠ ଜବତ କରିଛି। ଏଥିରେ ସମ୍ପୃକ୍ତ



ଥିବା ବ୍ୟବସାୟୀ ରେଢାଖୋଲ ଥାନା ଲୁହାପଙ୍କ ଗ୍ରାମର ସିଲୁ ଦେହୁରିଙ୍କୁ ଗିରଫ କରାଯାଇଛି। ଏଥିରେ ୫୫ ଖଣ୍ଡ ଚଉକାଠ ଥିବାବେଳେ ଏହାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବାମୁର ରେଞ୍ଜର କୁଲେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଉକ୍ତ ଟାଟାଏସି ରେଢାଖୋଲରୁ ଶାଗୁଆନ କାଠ ବୋଝେଇ କରି ସମ୍ବଲପୁର ଅଭିମୁଖେ ଆସୁଥିବାବେଳେ ବନ ବିଭାଗ ଚଢାଉ କରିଥିଲା। ସେହିପରି ହଣ୍ଡପା ବନ ବିଭାଗ ଶୁକ୍ରବାର ରାତିରେ ମଧପୁର ଜଙ୍ଗଲରେ ଚଢାଉ କରି ଏକ ଶାଳଗଣ୍ଡିକୁ ଜବତ କରିଛି। ଏଥିସହିତ କାଠ ବ୍ୟବସାୟୀ ମାଧପୁର ଗ୍ରାମର ଅରୁଣ ବେହେରାଙ୍କୁ ଗିରଫ କରାଯାଇଛି। ସେ ଜଙ୍ଗଲରୁ ଶାଗୁଆନ ଗଛ କାଟି ଚାଲାଣ କରୁଥିବାବେଳେ ବନ ବିଭାଗ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଏକ ଟାଙ୍ଗିଆ, କରତ ଜବତ ହୋଇଛି।

## ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୯।୧୦(ସ୍ୱ.ପ୍ର)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଜରପଡା ମଣ୍ଡଳରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବାଲିପଟା ପଞ୍ଚାୟତରୁ ଏହି ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହାପରେ ବାଲିପଟା ହାଟପଦା ନିକଟରେ ଗୋପବନ୍ଧୁ କଲ୍ୟାଣ ସମିତି ଇ-ପାଠାଗାରର ଭୂମିପୂଜନ ଉତ୍ସବରେ ଯୋଗଦେବା ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାଲିପଟା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୋପବନ୍ଧୁ କଲ୍ୟାଣ ସମିତି ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୧୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜରପଡା ମଣ୍ଡଳ ସଭାପତି ମଦନ ମୋହନ ଗଡନାଏକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା, ଚୌଧୁରୀ ପ୍ରଧାନ, ସୁଦୀପ୍ ଗଡନାଏକ, ଅଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ରକ୍ତଦାନ ଶିବିରରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

## ନିଷ୍ପେଷିତଙ୍କ ସ୍ୱର ଥିଲେ ଗୋପବନ୍ଧୁ



ମାଲ୍ୟାର୍ପଣ ଅବସରରେ ସମ୍ମିଳନୀର ସଦସ୍ୟମାନେ।

**ଅନୁଗୋଳ ଅଫିସ,୯।୧୦**

ଅନୁଗୋଳ ଜିଲା ନାଲ୍‌କୋ ନଗରସ୍ଥିତ ଗୋପବନ୍ଧୁ ପାର୍କଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ଅନୁଗୋଳ ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିରର ଉପାଧ୍ୟକ୍ଷ ଡ. ସିଦ୍ଧନାଥ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସତ୍ୟବାଦୀ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଶାର ଗରିବ, ନିଷ୍ପେଷିତଙ୍କ ସ୍ୱର ଥିଲେ। ଗୋପବନ୍ଧୁ। ସ୍ୱାଧୀନତା ସଂଗ୍ରାମ, ଭାଷା ଆନ୍ଦୋଳନରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା। କବି ସାନନ୍ଦ ଚନ୍ଦ୍ର ପରିଡା କବିତା ପାଠ କରିଥିଲେ। ଶ୍ରୀବତ୍ସ ଖୁଣ୍ଟିଆ, ଇଂ. ଶୁକ୍ଳାମ୍ବର ସାହୁ, ବିଜୟ ସାହୁ, ସୁକାନ୍ତ ନାଥ, ରମାନାଥ ମିଶ୍ର, ଦୁର୍ଯ୍ୟୋଧନ ବେହେରା, ରମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀର ଜିଲା କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ସୁରେଶ୍ୱରୀ ପ୍ରକଳ୍ପ ଦାବିରେ ସାଇକେଲ ଶୋଭାଯାତ୍ରା

**ବଇଣ୍ଡା,୯।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ବହୁ ପ୍ରତୀକ୍ଷିତ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବିରେ ଶନିବାରଠାରୁ ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ଆରମ୍ଭ ହୋଇଛି ସାଇକେଲ ଶୋଭାଯାତ୍ରା। ଗୋପବନ୍ଧୁଙ୍କ ଫଟୋରେ ମାଲ୍ୟାର୍ପଣ ପରେ ତାଳପଦର ଛକଠାରୁ ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ କରାଯାଇଥିଲା। ଓସ୍କାପାଲି, ବାମୁର ଧଉରାପାଲି, ଜଏରାଟ, ରଣିଆକଟା, କଦଳୀମୁଣ୍ଡା ଆଦି ପଞ୍ଚାୟତରେ ସଭା ଅନୁଷ୍ଠିତ ହୋଇଥିଲା। ସୁରେଶ୍ୱରୀ ପ୍ରକଳ୍ପ ନିର୍ମାଣ ଦାବିରେ ଆଗାମୀ ଦିନରେ ଅହୋରାତ୍ର ଗଣଧାରଣା ଦିଆଯିବ। ଏହାକୁ ସଫଳ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସୁରେଶ୍ୱରୀ ପ୍ରକଳ୍ପ ପାଇଁ କମିଟି ଦୀର୍ଘ ବର୍ଷ ହେବ ଆନ୍ଦୋଳନ କରି ଆସୁଛି। ତଥାପି ସରକାର ଦୃଷ୍ଟି ଦେଉନାହାନ୍ତି। ଏହାର ପ୍ରତିବାଦରେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ସାଇକେଲ ଶୋଭାଯାତ୍ରାରେ କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ତୀର୍ଥବାସୀ ଭୋଇ, ରମଣି ରଞ୍ଜନ ପ୍ରଧାନ, ରତ୍ନାକର ପ୍ରଧାନ, ପୀତାମ୍ବର ପ୍ରଧାନ, ବସନ୍ତ ସାହୁ, ଚକ୍ରଧର ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।



କମିଟିର ସଦସ୍ୟମାନେ ସାଇକେଲ ଶୋଭାଯାତ୍ରାରେ ବାହାରିଛନ୍ତି।

## ଇମ୍ରାନ୍ ଖାନ୍‌ଙ୍କ କୁଶ ପୁତ୍ତଳିକା ଦାହ

**ଅନୁଗୋଳ ଅଫିସ, ୯।୧୦**

କଶ୍ମୀରରେ ଗତ ୫ଦିନରେ ୭ ହିନ୍ଦୁଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଆତଙ୍କାବାଦୀଙ୍କ ଏଭଳି ବର୍ବର କାର୍ଯ୍ୟରେ ପଡ଼ୋଶୀ ପାକିସ୍ତାନର ହାତ ରହିଛି ବୋଲି ଅଭିଯୋଗ ଆଣିଛି ଅନୁଗୋଳ ଜିଲା ବଜରଙ୍ଗ କ୍ଲବ। ଏହାର ପ୍ରତିବାଦରେ ସ୍ଥାନୀୟ ଥାନା ଛକରେ ଜିଲା ସଂଯୋଜକ ପ୍ରଭାତ ବାରିକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଆତଙ୍କବାଦର ମୂଳୋତ୍ପାଟନ ହେଲେ କଶ୍ମୀରରେ ସଂଖ୍ୟାଲଘୁ ହିନ୍ଦୁ ପୁନର୍ବାସ ଓ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ବଜରଙ୍ଗ ଦଳର ସହ ସଂଯୋଜକ ରାହୁଲ ଅନୁରାଗ, ସଙ୍ଗଠନ ସଚିବ ଅସିତ ସାହୁ, ଗିରିଜା ଶଙ୍କର ନନ୍ଦ, ସରୋଜ ଧର, ସୁଦର୍ଶନ ରାଓ, ଲମ୍ବୋଧର ବେହେରା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

